## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ବୃଦ୍ଧ ଗୁରୁତର



ରାଜନଗର, ୨୮।୬(ଡି.ଏନ୍.ଏ.): ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ଥିବା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ଧୀରେନ ବାଇନି(୮୦) ସକାଳ ୫ଟାରେ ରାସ୍ତାରେ ଚାଲୁଥିବା ବେଳେ ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଛି। ଧୀରେନ ସବୁଦିନ ପରି ସକାଳୁ ଘରୁ ବାହାରି ରାଜନଗର-ଗୁପ୍ତି ରାସ୍ତାର ଓକିଲପାଳ ଆଡକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ରାତ୍ରିରେ ଜଙ୍ଗଲରୁ ବାହାରି ଜନବସତି ମଧ୍ୟକୁ ଚାଲି ଆସିଥିବା ବାର୍‌ହା ଧୀରେନଙ୍କ ସହ ମୁହାଁମୁହିଁ ହେବାରୁ ସେ ଭୟରେ ଦୌଡିବା ସମୟରେ ତଳେ ପଡିଯାଇଥିଲେ। ବାର୍‌ହାଟି ଧୀରେନଙ୍କ ବାମ ଜଙ୍ଘକୁ ଚିରି ଫାଡି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଦୌଡି ଆସିଥିଲେ। ଏ ସମ୍ପର୍କରେ ରାଜନଗର ବନ ବିଭାଗକୁ ଖବର ଦେଇଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରାଙ୍କ ନିର୍ଦ୍ଦେଶରେ ଫରେଷ୍ଟର ବିଭୂତି ତରାଇ, ରଞ୍ଜିତ ରାଉତ, ସବିତା ବେହେରା, ଦୀପଙ୍କର ମାଇତି ପ୍ରମୁଖ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଧୀରେନଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

### ଦିଲ୍ଲୀରେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ

ରାଜକନିକା,୨୮।୬(ଡି.ଏନ.ଏ.): ରାଜକନିକା ବ୍ଲକର ଅବଦୁଲପୁର ପଞ୍ଚାୟତର ଶରତ ଚନ୍ଦ୍ର ଦାଶଙ୍କର ସାନପୁଅ ରଞ୍ଜନ(୩୬)ଙ୍କର ଦିଲ୍ଲୀରେ ବ୍ରେନ ଷ୍ଟ୍ରୋକ ସହ ହୃଦ୍‌ଘାତ ଯୋଗୁ ମୃତ୍ୟୁ ଘଟିଛି। ସେ ଏକ ବେସରକାରୀ କମ୍ପାନୀରେ ଚାକିରି କରିଥିଲେ। ସେ ପରିବାରକୁ ପୋଷୁଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଖବର ପାଇ ପ୍ରାକ୍ତନ ସରପଞ୍ଚ ସାରଙ୍ଗଧର ସାହୁ, ସାମ୍ବାଦିକ ଶିବରାମ ଦାସ, କାର୍ତ୍ତିକ ଚନ୍ଦ୍ର ଦାଶ ପ୍ରମୁଖ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବସୁନ୍ଧରା ଯୋଜନାରେ ଦୁର୍ନୀତିର ଛିଟା

କେନ୍ଦ୍ରାପଡ଼ା ଅଫିସ, ୨୮।୬

■ ପତିତ ନାମରେ ଟେକି ଦିଆଯାଉଛି ମୂଲ୍ୟବାନ ଜମି
■ ମହାକାଳପଡ଼ା ବ୍ଲକରେ ବାଦ୍ ପଡୁନାହିଁ ଜଙ୍ଗଲ ସମ୍ପଦ
■ ଫର୍ମ-କେ'ରେ ରାଜସ୍ୱ ଆଦାୟ ବନ୍ଦ ଦାବି

ବସୁନ୍ଧରା ଯୋଜନାରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ୪୪୮.୯୬୨ ଏକର ପତିତ ଜମିର ପଟ୍ଟା ୫,୪୨୧ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ଯୋଜନାରେ ରାଜକନିକା ଓ ମହାକାଳପଡ଼ା ତହସିଲ ଅଞ୍ଚଳର ସର୍ବାଧିକ ଜମି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ରାଜକନିକାରେ ୫୮୩ହିତାଧିକାରୀଙ୍କୁମୋଟ ୧୯୮.୬୯୦ ଏକର ଓ ମହାକାଳପଡ଼ାରେ ୧୪୬୫ ଜଣଙ୍କୁ ୧୧୧.୨୯୦ ଏକର ଜମିର ପଟ୍ଟା ଦିଆଯାଇଛି। ଏହି ଦୁଇ ତହସିଲରେ ଥିବା କେତେଜଣ ହିତାଧିକାରୀଙ୍କ ଭୂମି, ବ୍ୟାଙ୍କ ବାଲାନ୍ସ ଥିଲେ ମଧ୍ୟ ଭୂମିହୀନ ଦର୍ଶାଇ ପଟ୍ଟା ନେଇଥିବା ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଙ୍ଗଲ ଜମି ଦଖଲକୁ ନେଇ ଥିବା ସମସ୍ୟାର ସମାଧାନ ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ଫର୍ମ-କେ ହିତାଧିକାରୀଙ୍କୁ ଚିହ୍ନଟ କରା ଯାଇପାରି ନ ଥିବାରୁ ଜଙ୍ଗଲ ଜମିରୁ ଜବରଦଖଲ ହଟୁନି। ଫଳରେ ଏହି ତହସିଲ ଅଞ୍ଚଳରେ ଥିବା ୧୭ ଗ୍ରାମରେ ରହୁଥିବା ବଙ୍ଗଭାଷୀ ଜମି ସ୍ୱତ୍ୱ ଅଧିକାର ପାଇଁ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି।

ଏ ସମ୍ପର୍କରେ ସୂଚନା ଅଧିକାର ଆଇନ କର୍ମୀ ଅମିତାଭ ଚାନ୍ଦ କୁହିଛନ୍ତି, ବସୁନ୍ଧରା ଯୋଜନା ହେଉ ଅଥବା ଜଙ୍ଗଲ ଜମି ସମସ୍ୟାରେ ଦୁର୍ନୀତି ରହିବାର ବହୁ ପ୍ରମାଣ ମିଳିଛି। ଏହି ଯୋଜନାରେ ଭୂମିହୀନଙ୍କୁ ଆବାସ ଗୃହ ପାଇଁ ଜମି ପ୍ରଦାନ କରାଯାଏ। ଏହାର ସୁଯୋଗ ନେଇ କେତେଜଣ ଧନୀ ଓ ରାଜନେତାଙ୍କ ପାଖ ଲୋକ ଜମି ହଡପ କରିଛନ୍ତି। ରାଜକନିକା ତହସିଲ ଅଞ୍ଚଳରେ ଜଣେ ରାଜନେତାଙ୍କ ପାଖ ଲୋକ ଓ ତାଙ୍କ ଭାଇ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ନେଇଥିବା ଜିଲା ପ୍ରଶାସନ ନିକଟରେ ସୋମବାର ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ାରେ ତହସିଲ କର୍ମଚାରୀଙ୍କ ସହାୟତାରେ ଜାତି ପ୍ରମାଣପତ୍ର ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ମାମଲା କୋର୍ଟ ଓ ଆରଡିସିଙ୍କ ଦପ୍ତରରେ ଚାଲିଛି। ଏହାବ୍ୟତୀତ ଜଙ୍ଗଲ ଜମିକୁ କୁଜଙ୍ଗ ରାଜାଙ୍କ ହାତ ପଟ୍ଟାରେ ହଡପ କରାଯାଇଛି। ଏହି ମାମଲା ଦୀର୍ଘ ୨ବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପ୍ରଶାସନ ପାଇଁ ଆଗାମୀ ଦିନରେ କଷ୍ଟକର ହେବ ବୋଲି ସେ କେତେଗୋଟି ପ୍ରମାଣ ସହ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ମହାକାଳପଡ଼ା ତହସିଲ ଅଧୀନ ଜଙ୍ଗଲ ଜମି କିସମ ଅଞ୍ଚଳର ୧୭ ଗ୍ରାମରେ ବସବାସ କରୁଥିବା ବଙ୍ଗଭାଷୀଙ୍କ ପାଇଁ ଗତ ୨୦୧୭ ସେପ୍ଟେମ୍ବର ୨୨ରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଉକ୍ତ ୧୭ ଗ୍ରାମରେ ମୋଟ ୪,୯୦୭ ପରିବାର ୬୦୫୬.୫୯ ଏକର ଜମି ଜବରଦଖଲ କରି ଆସୁଛନ୍ତି ବୋଲି ଆଲୋଚନା ହୋଇଥିଲା। ଏଠାରେ ଜିଲା ପ୍ରଶାସନ ମାତ୍ର ୨୯.୫ ଏକର ଜମି ଲିଜ ଆକାରରେ ଦେଇପାରିବ। ଅବଶିଷ୍ଟ ଜଙ୍ଗଲ ଜମି ହୋଇଥିବାରୁ କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଲୋଡାଯିବ ବୋଲି ସ୍ଥିର ହୋଇଥିଲା। ଇତିମଧ୍ୟରେ ମାତ୍ର ୩୦୦ ପରିବାର ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିଥିବା ବେଳେ ଅବଶିଷ୍ଟ ୪,୬୦୭ ପରିବାର ଜବରଦଖଲ କରି ରହୁଛନ୍ତି। ତେବେ ୨୦୧୮ ଅକ୍ଟୋବର ୧୬ରେ ତତ୍କାଳୀନ ଉପଜିଲାପାଳଙ୍କ ଚିଠି (ନଂ- ୬୫୪୫) ଅନୁଯାୟୀ ଫର୍ମ-କେ' ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ ଆଦାୟ ହେଉଛି। ଫର୍ମ- କେ' ଏବେ ଜବରଦଖଲକାରୀଙ୍କ ପାଇଁ ଜିଲାରେ ସ୍ଥାୟୀ ହେବାକୁ ସିଧା ରାସ୍ତା ବାହାର କରିଛି। ଫଳରେ ଦିନକୁଦିନ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଫର୍ମ-କେ' ରାଜସ୍ୱ ଦେଇ ଜଙ୍ଗଲ ଜମିକୁ ଅକ୍ତିଆର କରୁଛନ୍ତି। ଏହି ରାଜସ୍ୱ ଆଦାୟ ବନ୍ଦ ହେବା ଆବଶ୍ୟକ। ସେହିପରି ବସୁନ୍ଧରା ଯୋଜନାରେ କେତେକ ଜଙ୍ଗଲ ଜମି ହାତେଇଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଜଙ୍ଗଲ ଜମି ଜବରଦଖଲକୁ ନେଇ ଜିଲା ପ୍ରଶାସନ ତତ୍ପର ଅଛି। ବସୁନ୍ଧରା ଯୋଜନାରେ ଦୁର୍ନୀତି ସମ୍ପର୍କରେ ନଜରକୁ ଆସିଲେ ତଦନ୍ତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# କାମରେ ଆସୁନି ଜୀବେ ନିଷ୍ଠୁରତା ନିବାରଣ ଆଇନ



ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳରେ ଚାଲିଛି ଗଞ୍ଜା ଲଢ଼େଇ।

ମହାକାଳପଡ଼ା,୨୮।୬ (ଡି.ଏନ୍.ଏ.)

■ ଖୁଲମଖୁଲା ଚାଲିଛି ଗଞ୍ଜା ଲଢ଼େଇ
■ ବାଜିରେ ଯାଉଛି ଅକାଳରେ ଜୀବନ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଆଦିବାସୀ ଅଧ୍ୟୁଷିତ ସିଂ, ୧୫ ମାଇଲି, ୧୨ ନମ୍ବର, ବାଘୁଆମେଦ, ଜମ୍ବୁ ଅଞ୍ଚଳରେ ଗଞ୍ଜା ଲଢେଇ ହେଉଛି। ଜୀବେ ନିଷ୍ଠାରତା ଆଇନ ଥିଲେ ହେଁ ଏହି ଅଞ୍ଚଳରେ ଲୋକ ତାହାକୁ ଖାତିର ନ କରି ଖରା ହେଉ କି ବର୍ଷା ଏକ ଉଚ୍ଚ କୁଦ ଉପରେ ପ୍ରତି ସପ୍ତାହର ରବିବାର ଅପରାହ୍ନରେ ଅଣ୍ଡିରା କୁକୁଡ଼ା (ଗଞ୍ଜା) ଲଢ଼େଇ ହେଉଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଲଢୁଆ ଗଞ୍ଜାଙ୍କୁ ଧରି ମାଲିକମାନେ ନିର୍ଦ୍ଧାରିତ ଲଢେଇ ସ୍ଥାନ ବା ଖଳାରେ ପହଞ୍ଚିଥାନ୍ତି। ଲଢେଇ ପାଇଁ ଆସିଥିବା ପ୍ରତିଦ୍ୱନ୍ଦ୍ୱୀ ଗଞ୍ଜାଗୁଡ଼ିକ ଗୋଡ଼ରେ ବାନ୍ଧି ଦିଆଯାଏ ତୀକ୍ଷ୍ଣ ଧାରଯୁକ୍ତ ମୁନିଆ ଛୁରି। ପରେ ଏହି ଗଞ୍ଜାମାନଙ୍କୁ ଲଢେଇ ଖଳାରେ ଛାଡ଼ି ଦିଆଯାଏ। ଏହି ଲଢେଇରେ ଚତୁର ଗଞ୍ଜା ତା'ର ପ୍ରତିପକ୍ଷ ଗଞ୍ଜାକୁ ମୁନିଆ ଛୁରିରେ ଆକ୍ରମଣ ପରେ ଆକ୍ରମଣ କରି ଚାଲେ। କିଛି ସମୟ ଲଢିବା ପରେ ଚତୁର ଗଞ୍ଜାଟି ତା'ର ପ୍ରତିପକ୍ଷ ଗଞ୍ଜାକୁ ଧରାଶାୟୀ କରିଦିଏ। ଏହି ଲଢେଇରେ ବାଜିମାତ କରିଥିବା ଗଞ୍ଜା ମାଲିକ ପରାଜୟ ଗଞ୍ଜା (ଫାଡୁ)କୁ ନେଇଥାଏ। ତେବେ ଲଢେଇ ଦେଖି ଉପଭୋଗ କରୁଥିବା ଲୋକମାନଙ୍କ ମଧ୍ୟରେ ଟଙ୍କା ବାଜି ବା ସଟ୍ଟା ଲାଗିଥାଏ। ଯେକୌଣସି ବିଜୟୀ ଗଞ୍ଜା ଉପରେ ବାଜି ଲଗାଇଥିବା ବ୍ୟକ୍ତି ହିଁ ଟଙ୍କା ନେଇଥାନ୍ତି। ଏହି ଗଞ୍ଜା ଲଢ଼େଇ ବେଆଇନ ହୋଇଥିବା ବେଳେ ଖୁଲମଖୁଲା ସର୍ବସାଧାରଣ ସ୍ଥାନରେ କରାଯାଉଛି। ତେବେ ଜୀବେ ନିଷ୍ଠୁରତା ନିବାରଣ ଆଇନ-୧୯୬୦ରେ ଉଲ୍ଲେଖ ରହିଛି, କୌଣସି ଏକ ଜାତୀୟ ପଶୁ, ପକ୍ଷୀମାନଙ୍କ ମଧ୍ୟରେ ଲଢେଇ ସୃଷ୍ଟି କରିବା ଓ ଏହାକୁ ପ୍ରୋତ୍ସାହନ ଦେବା ଆଇନଗତ ଦଣ୍ଡନୀୟ ଅପରାଧ। ଯେକୌଣସି ସଂସ୍ଥା ବା ବ୍ୟକ୍ତି, ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ଆଇନର ପରିସୀମା ମଧ୍ୟରେ ରହିବେ ବୋଲି ଉଲ୍ଲେଖ ରହିଛି। ଏହି ବେଆଇନ ଲଢେଇରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଜରିମାନା ଓ ଜେଲ୍‌ଦଣ୍ଡର ବ୍ୟବସ୍ଥା ଆଇନରେ ଉଲ୍ଲେଖ ରହିଛି। ଜିଲାରେ ଜୀବେ ନିଷ୍ଠୁରତା ନିବାରଣ ସମିତି ଗଠନ କରାଯାଇଛି। ଏହି ସମିତିରେ ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଦାରଖ କରିବାର ଦାୟିତ୍ୱ ଥିଲେ ମଧ୍ୟ ଉପକୂଳ ଅଞ୍ଚଳରେ ଏହାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକର ଉପକୂଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ଲଢେଇ ଦେଖିବାକୁ ମିଳୁଛି। ତେବେ ଲଢେଇରେ ଜିଲା ତଥା ଜିଲା ବାହାରର ଜୁଆ ଖେଳୁଥିବା ଲୋକମାନେ ଅଂଶ ଗ୍ରହଣ କରିଥାନ୍ତି।

### ୫୧ ଅସ୍ଥାୟୀ କର୍ମଚାରୀଙ୍କୁ ମିଳିବ ସ୍ଥାୟୀ ନିଯୁକ୍ତି

କେନ୍ଦ୍ରାପଡ଼ା ଅଫିସ, ୨୮।୬

କେନ୍ଦ୍ରାପଡ଼ା ବ୍ଲକର ୨୭ ପଞ୍ଚାୟତର ଗ୍ରାମୀଣ ଜଳ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫୧ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ ସକାରାତ୍ମକ ରୂପ ନେଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓର୍‌ମାସ ମାଧ୍ୟମରେ ଜଳ ଜୀବନ ମିଶନ ପକ୍ଷରୁ ଆୟୋଜିତ ୧୦ ଦିନିଆ ପ୍ରଶିକ୍ଷଣ ଓ ପରୀକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫଳରେ ପ୍ରଶିକ୍ଷଣ ପରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ ବୋଲି କର୍ମଚାରୀ ସଂଘର ମୁଖ୍ୟ ଗଣେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜଳ ହିଁ ଜୀବନ। ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଣ ଆବଶ୍ୟକ ଭିତ୍ତିଭୂମିକୁ ଏହି ଅସ୍ଥାୟୀ କର୍ମଚାରୀ ହିଁ ଦୀର୍ଘ ବର୍ଷ ଧରି ଚଳାଇ ଆସୁଛନ୍ତି। ତେବେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମାସିକ ମାତ୍ର ୨ ହଜାର ଟଙ୍କା ଦେଇ କାର୍ଯ୍ୟ କରାଉଥିଲେ। ଏହି ଟଙ୍କାରେ ପରିବାର ପ୍ରତିପୋଷଣ ଆଦୌ ସମ୍ଭବ ନୁହେଁ। ଏଥିପାଇଁ ଗତ ୨୦୨୦ ନଭେମ୍ବରରୁ ୨୦୨୧ ଜାନୁୟାରୀ ପର୍ଯ୍ୟନ୍ତ ଅସ୍ଥାୟୀ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଏବେ ଜଳ ଜୀବନ ମିଶନ ପକ୍ଷରୁ ପ୍ରଶିକ୍ଷିତ କରାଯାଇ ଧାର୍ଯ୍ୟ ମଜୁରିରେ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। ବିଭାଗୀୟ ଜେଇ ଇଂ. ନବ କିଶୋର ଦାଶ ଏହି ପ୍ରଶିକ୍ଷଣ ଶିବିରର ତତ୍ତ୍ୱାବଧାରକ ଥିଲେ। ସଚିନ କୌଶବ ଓ କୁବେର ନାୟକ ପ୍ରଶିକ୍ଷିତ କର୍ମଚାରୀଙ୍କ ପରୀକ୍ଷା କରିଥିଲେ। ରଜତ କେଶରୀ, ବୀରେନ ସ୍ୱାଇଁ, ସୁବାସ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୨ବର୍ଷ ପରେ ଭକ୍ତ-ଭଗବାନ ହେବେ ଏକାଠି



କେରେଡ଼ାଗଡ଼ରେ ରଥ ନିର୍ମାଣ ଚାଲିଛି।

### କେରେଡ଼ାଗଡ଼ର ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ରାଜନଗର, ୨୮।୬(ଡି.ଏନ୍.ଏ.)

କୋଭିଡ୍ ମହାମାରୀ ଯୋଗୁ ଦୁଇବର୍ଷ ପରେ ଉପକୂଳ ଅଞ୍ଚଳର ଅନ୍ୟତମ ପୁରାଣ ପ୍ରସିଦ୍ଧ କେରେଡାଗଡସ୍ଥିତ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରଥଦାଣ୍ଡରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକର୍ମା ଅନ୍ତର୍ଯାମୀ ସୂତାରଙ୍କ ନେତୃତ୍ୱରେ ୨୫ ଜଣ କାରିଗର ରଥ ନିର୍ମାଣରେ ନିୟୋଜିତ ଅଛନ୍ତି। କାରିଗରମାନେ ଉତ୍ସାହର ସହିତ ରଥ ନିର୍ମାଣରେ ନିମଗ୍ନ ଅଛନ୍ତି। ଦୀର୍ଘ ୨ ବର୍ଷ ବ୍ୟବଧାନ ପରେ କେରେଡାଗଡର ରଥଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ସୋମବାର ରଥଯାତ୍ରାର ପ୍ରସ୍ତୁତି ଏବଂ ରଥ ନିର୍ମାଣକୁ ଅନୁଧ୍ୟାନ କରିଛନ୍ତି। ଠାକୁରଙ୍କ ଅଣସର ନୀତି ପରେ ଗୁରୁବାର ନବଯୌବନ ବେଶରେ ଦର୍ଶନ ଦେବେ। ତା'ପରଦିନ ନେତ୍ର ଉତ୍ସବ ଓ ୧ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ୩୯ ଫୁଟ ଉଚ୍ଚତା ବିଶିଷ୍ଟ ରଥର ଚକ ଲାଗିବା ପରେ ଅନ୍ୟ କାରୁକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଦୁଇବର୍ଷ ପରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି। ଭକ୍ତ ଓ ଭଗବାନ ପୁଣି ରଥଦାଣ୍ଡରେ ଏକାଠି ହେବେ। ଏହି ରଥଯାତ୍ରା ପାଇଁ ରଥଦାଣ୍ଡର ଦୁଇ ପାର୍ଶ୍ୱରେ ଦୋକାନ ବଜାର ଖୋଲିବାକୁ ଲାଗିଲାଣି। ଏହି ରଥଯାତ୍ରାରେ ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳାର ସହିତ ରଥ ଟାଣିବା ସହ ପ୍ରଭୁଙ୍କୁ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ପାରିବେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବର୍ଷକରେ ଥରେ ରଥଯାତ୍ରାରେ ଶ୍ରୀଜଗନ୍ନାଥ ଭକ୍ତଙ୍କ ସହିତ ଲୀଳାଖେଳା କରିଥାନ୍ତି। କିନ୍ତୁ କୋଭିଡ୍ ମହାମାରୀ ଦୁଇବର୍ଷ ହେଲା ଭକ୍ତଙ୍କଠାରୁ ଭଗବାନଙ୍କୁ ଦୂରେଇ ରଖିଥିବାରୁ ଚଳିତବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ସେହିପରି କେରେଡାଗଡ ସହ ପେଣ୍ଠର ଶ୍ରୀବନବିହାରୀ ଜୀଉ, ରାଜନଗରର ଶ୍ରୀଦଧିବାମନ ଜୀଉ, ରିଘାଗଡର ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ଡାଙ୍ଗମାଳ କୃଷି ସେବା ସମବାୟ ସମିତି

ରାଜନଗର, ୨୮।୬(ଡି.ଏନ୍.ଏ.)

ରାଜନଗର ବ୍ଲକ ଡାଙ୍ଗମାଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ନିର୍ବାଚନ ଶେଷ ହୋଇଛି। ଶୁଭ୍ରକାନ୍ତ ଭ୍ରମରରାୟ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁଭ୍ରକାନ୍ତଙ୍କ ବିପକ୍ଷରେ କେହି ପ୍ରାର୍ଥୀ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଡାଙ୍ଗମାଳ ପ୍ରାଥମିକ କୃଷି ସେବା ସମବାୟ ସମିତି ପରିସରରେ ନବନିର୍ବାଚିତ ସଭାପତିଙ୍କ ସହ ନିର୍ଦ୍ଦେଶକ ଜୟରାମ ସେଠୀ, ସୀତାକାନ୍ତ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ଜେନା, ତ୍ରିଲୋଚନ ବାରିକ, ପୂର୍ବତନ ଜିଲାପରିଷଦ ସଭ୍ୟା ପୂର୍ଣ୍ଣିମାରାଣୀ ବାରିକ, ନୀଳମଣି ପ୍ରଧାନ, ନାରାୟଣ ଚନ୍ଦ୍ର ଦାସ, ମଞ୍ଜୁଲତା ସ୍ୱାଇଁ, ଗୌରାଙ୍ଗ ଚରଣ ବାରିକ, ପ୍ରଭାତ କୁମାର ବେହେରା ଏବଂ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ସଭାପତି ଶୁଭ୍ରକାନ୍ତ ଭ୍ରମରରାୟଙ୍କ ସହ ନିର୍ଦ୍ଦେଶକ ଓ ଅନ୍ୟମାନେ।

### ସାମାଜିକ ବ୍ୟବସ୍ଥାକୁ ସମୃଦ୍ଧ କରେ ସଂସ୍କୃତି, ପରମ୍ପରା



ଡେରାବିଶ ସାଂସ୍କୃତିକ ସଙ୍ଗଠନର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଡେରାବିଶ,୨୮।୬ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ଗୋଲରାହାଟଠାରେ ଥିବା ଡେରାବିଶ ସାଂସ୍କୃତିକ ସଙ୍ଗଠନର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ଗୋଲରାହାଟ ପଞ୍ଚାୟତ ସରପଞ୍ଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ ଯୋଗଦେଇ ସଂସ୍କୃତି ଓ ପରମ୍ପରା ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଥିବା ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶୃଙ୍ଖଳିତ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଓଷ୍ଟାର ଜିଲା ସଭାପତି ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା, ପଲେଇ ପଞ୍ଚାୟତର କିରଣ କ୍ଲବକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କର୍ମକର୍ତ୍ତା ସାହାଜାହାନ ଖାଁ ଓ ଗୌରାଙ୍ଗ ସାହୁ ସାଂସ୍କୃତିକ ସଙ୍ଗଠନ ଦ୍ୱାରା ବିଗତ ବର୍ଷମାନଙ୍କ ପରି ଆୟୋଜିତ ହୋଇ ଆସୁଥିବା ଡେରାବିଶ ମହୋତ୍ସବର ସଫଳତାରେ ବ୍ଲକ ଅଞ୍ଚଳର ସବୁବର୍ଗର ଲୋକମାନେ ସହଯୋଗ କରି ଆସିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏଥିରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଗଠନ କର୍ମକର୍ତ୍ତା ଶିକ୍ଷାବିତ୍ ଅତୁଲ୍ୟ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ପାଣି ଯୋଗୁ ଚାଷକାମ ବାଧାପ୍ରାପ୍ତ

ପଟ୍ଟାମୁଣ୍ଡାଇ୨୮।୬(ସ୍ୱ.ପ୍ର.)

### ବିହନ ବୁଣି ବର୍ଷାକୁ ଚାହିଁଛି ଚାଷୀ



ମୋଟର ଲଗାଇ ଚାଷ ଜମିରେ ଚାଷୀ ତଳି ପକାଉଛନ୍ତି।

ଚଳିତ ଖରିଫ ଚାଷ ସମୟ ହୋଇଯାଇଛି। ହେଲେ ପାଣି ବିନା ଚାଷକାମ ବିଳମ୍ବ ହୋଇଛି। ଅକ୍ଷୟତୃତୀୟାଠାରୁ ଖରିଫ ଧାନଚାଷ ଆରମ୍ଭ ହୋଇଥାଏ। ଚଳିତବର୍ଷ ମଧ୍ୟ ବିଲ ବେଉଷଣ ହୋଇ ଧାନବୁଣା ଓ ରୁଆ ଲାଗି ତଳି ପଡିବା କାମ ଚାଲିଛି। ହେଲେ ତଳି ପକାଇବାକୁ ଆବଶ୍ୟକ ପାଣି ହେଉନାହିଁ। ବର୍ଷାର ଲୁଚକାଳି ଖେଳ ଏବେ ଚାଷୀମାନଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି କରିଛି। ଗତ ସପ୍ତାହରୁ ଅଞ୍ଚଳରେ ମେଘୁଆ ପାଗ ଲାଗି ରହିବା ସହ ଦିନେ ଦୁଇ ଦିନ ଅନ୍ତରରେ ହେଉଥିବା ବର୍ଷା ଚାଷୀ ମନରେ କିଛି ମାତ୍ରାରେ ଆଶା ସଞ୍ଚାର କରୁଥିଲା। ଜୁନ ଶେଷ ହେଲାଣି, ମାତ୍ର ବର୍ଷା ସ୍ୱାଭାବିକ ହୋଇପାରୁନି। କେଉଁଠି କେଞ୍ଚେ ତ ଆଉ କେଉଁଠି ମେଞ୍ଚେ ବର୍ଷା ବର୍ଷୁଛି। ଜଳବାୟୁର ଏଭଳି ପରିବର୍ତ୍ତନ ଏବେ ଚାଷୀକୁଳ ପାଇଁ କାଳ ସାଜିଛି। ବର୍ଷା ଅଭାବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଧାରୁ ଅଧିକ ଜମିରେ ଗଜାମରୁଡ଼ି ଅବସ୍ଥା ଦେଖିବାକୁ ମିଳିଲାଣି। ଜମିରେ ପାଣି ନ ଥିବାରୁ କେଉଁଠି ତଳି ପଡିପାରୁନାହିଁ ତ ଆଉ କେଉଁଠି ଧାନବୁଣା ସାରି ବର୍ଷାକୁ ଚାହିଁ ରହିଛି ଚାଷୀ। କେନାଲରେ ପାଣି ଆସୁ ନ ଥିବାରୁ କେତେକ ସ୍ଥାନରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମଟରରେ ବିଲକୁ ପାଣି ମଡ଼ାଇ ଚାଷୀ ତଳି ପକାଉଛନ୍ତି।

ଖଡ଼ିଅଣ୍ଟା ଗ୍ରାମର ଚାଷୀ ଅଜୟ ନାୟକ କହିଛନ୍ତି, ଚଳିତବର୍ଷ ରାଜ୍ୟକୁ ଠିକ୍ ସମୟରେ ମୌସୁମୀ ଆସିଥିବାରୁ ଚାଷୀକୁଳରେ ଆନନ୍ଦ ପ୍ରକାଶ ପାଇଥିଲା। ରାଜ୍ୟରେ ମୌସୁମୀ ପ୍ରବେଶ ପରେ ପରେ ଅଞ୍ଚଳରେ ଭଲ ଧରଣର ବର୍ଷା ହୋଇଯାଇଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ତତ୍ପରତା ପ୍ରକାଶ କରି ଧାନ ତଳି ପକାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ମୌସୁମୀ ବର୍ଷାରେ ଅନେକ ଚାଷୀ ଜମିରେ ତଳିଘେରା ପ୍ରସ୍ତୁତି କରିଛନ୍ତି। ମାତ୍ର ଏବେ ବର୍ଷାର ଲୁଚକାଳି ଖେଳ ଯୋଗୁ ଚାଷୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ପୋଖରୀ ଗଡିଆ ପାଖରେ ଥିବା ଜମିରେ ମଟର ଲଗାଇ ପାଣି ମଡ଼ାଇ ଚାଷୀ ତଳି ପକାଉଛନ୍ତି। ପ୍ରତ୍ୟେକ ବର୍ଷ ରଜ ପୂର୍ବରୁ ତଳିଗୁଡ଼ିକ ୫ ଇଞ୍ଚ ବଢ଼ି ଯାଇଥାଏ। ମାତ୍ର ଏବେ ଜୁନ ଶେଷ ହେବାକୁ ବସିଲାଣି। ପାଣି ଅଭାବରୁ ଭୂଇଁରୁ ଧାନ ଗଜା ବାହାରି ପାରୁନି। ବୁଣା ଧାନରେ ଏତେ ବେଳକୁ ଲଙ୍ଗଳମରା ଓ ପ୍ରଥମ ପିଡ଼ିଆ ମରାଯିବା କଥା। କିନ୍ତୁ ପାଣି ନ ଥିବାରୁ ତଳି ଅନେକ ସ୍ଥାନରେ ପାଚି ଯାଇଥିବା ଦେଖିବାକୁ ମିଳିଛି। ଶୁଖିଲା ଚାଷ ହୋଇଥିବା ଜମିରେ ପାଣି ଅଭାବରୁ ଘାସ ମାଡ଼ିଯାଇଛି। ଆଗକୁ ଯଦି ଠିକ୍ ଭାବରେ ବର୍ଷା ନ ହୁଏ, ତେବେ ଫସଲହାନି ହେବାର ଏକ ପ୍ରକାରର ସୁନିଶ୍ଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପଟ୍ଟାମୁଣ୍ଡାଇ କେନାଲ ଓ ଏହାର ଶାଖା କେନାଲରେ ପାଣି ଆସିବା ବିଳମ୍ବ ହେଉଛି। କେନାଲ ଗଛ, ଘାସ, ଲତା ଓ ଦଳରେ ପୋତି ହୋଇପଡ଼ିଛି। ଫଳରେ କେନାଲରେ ପାଣି ଆସିଲେ ବିଲରେ ପହଞ୍ଚିବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଅଞ୍ଚଳର କେତେକ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ ରହିଛି। ଉଠାଜଳସେଚନ ପ୍ରକଳ୍ପଗୁଡିକ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସଚଳ କରିବାକୁ ତତ୍ପରତା ପ୍ରକାଶ କରୁନାହାନ୍ତି। ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ଅନେକ ସ୍ଥାନରେ ପାରମ୍ପରିକ ଧାନଚାଷ କରିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। କୃଷି ବିଭାଗ ଓ କୃଷକମାନଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି। ଚାଷୀମାନେ ଠିକ୍ ସମୟରେ ଆବଶ୍ୟକ କରୁଥିବା ବିହନ ଓ ରାସାୟନିକ ସାର ପାଇପାରୁ ନାହାନ୍ତି। କୃଷି କ୍ଷେତ୍ର ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ନୂଆ ନୂଆ ଯୋଜନା ଓ କୃଷି ପ୍ରଣାଳୀ ସମ୍ପର୍କରେ କୃଷକମାନେ ଅଜଣା। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ମଧ୍ୟରେ ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ସଚେତନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ମାତ୍ର ବ୍ଲକ କୃଷି କାର୍ଯ୍ୟାଳୟରେ ଆବଶ୍ୟକ କୃଷି କର୍ମଚାରୀମାନଙ୍କର ଅଭାବ ରହିଥିବାରୁ ଏହା ବିଶେଷ ଭାବରେ ଫଳପ୍ରଦ ହୋଇପାରୁ ନାହିଁ। କୃଷିର ବିକାଶ ଲାଗି ସରକାର ପଦକ୍ଷେପ ନେବା ପାଇଁ ଚାଷୀ ସୁଶାନ୍ତ ସାମଲ, ପ୍ରଭାକର ସେଠୀ, ରଞ୍ଜିତ ପ୍ରଧାନ, ପ୍ରଦୀପ ନାୟକ, ସନ୍ତୋଷ ଭଳ, ପାରେଶ୍ୱର ସେଠୀ, ଅଭୟ ବଳ, ସୁଧୀର ଦାସ, ଭିକାରୀ ବାଇ ପ୍ରମୁଖ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ କୃଷି ବିଭାଗ ଅତିରିକ୍ତ କୃଷି ଅଧିକାରୀ ଭଦ୍ରନାରାୟଣ ଦାସଙ୍କୁ ଯୋଗାଯୋଗ କରିବାରେ ଚଳିତ ଋତୁରେ ୧୦,୪୦୦ ହେକ୍ଟର ଜମିରେ ଖରିଫ ଫସଲ ହେବା ଲକ୍ଷ୍ୟ ରଖାଯାଇଛି। ୨୦୦ ହେକ୍ଟର ଜମିରେ ଧାନବୁଣା ସରିଛି। ୭୦୦ ହେକ୍ଟର ଜମିରେ ତଳି ପଡ଼ିବାକୁ ଥିବାବେଳେ ୩୪୦ ହେକ୍ଟର ଜମିରେ ତଳି ପଡ଼ିଛି, କିନ୍ତୁ ପାଣି ଯୋଗୁ ଚାଷ କାମରେ ବାଧା ଉପୁଜିଥିବା ସେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜୁନ୍, ୨୦୨୨



## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

ଧର୍ମଶାଳା,୨୮।୬ (ଡି.ଏନ୍.ଏ.): ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମର ରାକେଶ ଦାସ ନାମକ ଜଣେ ଯୁବକ ସେହି ଗ୍ରାମର ଅଙ୍ଗନୱାଡି କର୍ମୀ ତିଲୋତ୍ତମା ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଘଟଣା ଘଟିଛି। ରାକେଶ ତାଙ୍କୁ ପଛରୁ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧର୍ମଶାଳା ସିଡିପିଓ ସଂଯୁକ୍ତା ସାହୁ ଡାକ୍ତରଖାନାରେ ପହଞ୍ଚି ତିଲୋତ୍ତମାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ତିଲୋତ୍ତମାଙ୍କ ସ୍ୱାମୀ କାର୍ତ୍ତିକ ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଛି ମାସ ତଳେ ରାକେଶଙ୍କ ନାମରେ ଥାନାରେ ଅଭିଯୋଗ ହେବା ପରେ ସେ ଫେରାର ଥିଲେ । ସୋମବାର ସେ ଗାଁକୁ ଫେରିଥିଲେ । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।

### ସିଂହପୁର ପୂର୍ତ୍ତବିଭାଗ ରାସ୍ତାରେ ପାଣି ଜମୁଛି, ଲୋକେ ହୀନସ୍ତା

ସିଂହପୁର,୨୮।୬(ଡି.ଏନ.ଏ.): ବିଂଝାରପୁର ବ୍ଲକ ସିଂହପୁର ଉତ୍ତରକୂଳ ପୂର୍ତ୍ତ ବିଭାଗ ରାସ୍ତାର ନାଉବାଙ୍କ ଜେନାସାହି ରାସ୍ତାରେ ବର୍ଷା ଓ ଆବର୍ଜନା ପାଣି ଜମି ରହୁଥିବାରୁ ଯାତାୟତରେ ଲୋକେ ହିନସ୍ତା ଭୋଗୁଛନ୍ତି। ରାସ୍ତାର ଜେନାସାହି ନିକଟରେ ଉଭୟ ପାର୍ଶ୍ୱରେ ଦୋକାନ ଓ ଘରବାଡ଼ି କରାଯାଇଛି। ଅଧିକାଂଶ ସ୍ଥାନ ଜବରଦଖଲରେ ରହିଛି। ଫଳରେ ରାସ୍ତା ଉପରୁ ଜଳ ନିଷ୍କାସନ ହୋଇପାରୁନାହିଁ। ରାସ୍ତାର ୫ଶହ ମିଟର ପର୍ଯ୍ୟନ୍ତ ଆବର୍ଜନା ପାଣି ଜମି ରୁହୁଛି। କେବଳ ବର୍ଷା ପାଣି ନୁହେଁ ବିଭିନ୍ନ ଦୋକାନ ଓ ଘର ପାଣି ନିଷ୍କାସନ ହୋଇ ନ ପାରି ଜମି ରହି ଦୁର୍ଗନ୍ଧ ବାହାରୁଛି । ଫଳରେ ଲୋକେ ସେହି ପାଣିରେ ପଶି ଯାତାୟତ କରିବାକୁ ଇଛା ପ୍ରକାଶ କରୁନାହାନ୍ତି । ସୂଚନାଯୋଗ୍ୟ, ଏହି ମୁଖ୍ୟରସ୍ତାରେ ଆଖପାଖର ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟତ କରିଥାନ୍ତି । ହେଲେ ପୂର୍ତ୍ତ ବିଭାଗ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏଥିପ୍ରତି ଗୁରୁତ୍ୱାରୋପ କରିବାକୁ ଜରୀ ସରପଞ୍ଚ ନନ୍ଦକିଶୋର ମଲିକ, ସାମାଜିକ କର୍ମୀ ବିଜୟ ସାମଲ ଦାବି କରିଛନ୍ତି ।

# ୫୨୮ ବିସ୍ଥାପିତ ପାଇନାହାନ୍ତି ଜମିପଟ୍ଟା

ଯାଜପୁର ଅଫିସ,୨୮।୬

## କଳିଙ୍ଗ ନଗର ଶିଳ୍ପାଞ୍ଚଳ
■ ଇଡ୍‌କୋ ପାଖରେ ଝୁଲୁଛି ୪୫୯ ମାମଲା

ଖଣିଜ ସମ୍ପଦରେ ଭରପୂର ଯାଜପୁର ଜିଲାରେ ଶିଳ୍ପସଂସ୍ଥାଗୁଡ଼ିକର ଲମ୍ୱାଧାଡ଼ି ଲାଗିଛି। ୪୦ରୁ ଊର୍ଦ୍ଧ୍ୱ ଶିଳ୍ପସଂସ୍ଥା ଡାଉନଷ୍ଟ୍ରିମ ଶିଳ୍ପ ପ୍ରତିଷ୍ଠା କରିବାକୁ ସରକାରଙ୍କ ସହିତ ଆଲୋଚନା କରିଛନ୍ତି। ସେଥିମଧ୍ୟରୁ କେତେକ ସଂସ୍ଥା ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରି ଇଡ୍‌କୋ ଜରିଆରେ ଶତାଧିକ ଏକର ଜମି ହାତେଇ ସାରିଛନ୍ତି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିସ୍ଥାପିତଙ୍କୁ ମିଳିଥିବା ୧୦ ଡିସିମିଲ ଜମି ବାବଦକୁ ପଟ୍ଟା ମିଳିବାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଛି। ଏଥିରୁ ବିସ୍ଥାପିତଙ୍କୁ ଅଣଦେଖା କରି ଶିଳ୍ପପତିଙ୍କ ପାଇଁ ଇଡ୍‌କୋ କେତେ ଦରଦ ଦେଖାଉଛି ତାହା ଜଳଜଳ ହୋଇ ଦିଶୁଛି।

ଗୋବରଘାଟି ବିସ୍ଥାପିତ କଲୋନୀରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୨୮ ଜଣ ବିସ୍ଥାପିତ ଜମିପଟ୍ଟା ପାଇବା ଅପେକ୍ଷାରେ ରହିଛନ୍ତି। ସୁକିନ୍ଦା ତହସିଲ କାର୍ଯ୍ୟାଳୟକୁ ଇଡ୍‌କୋ ଜମି ହସ୍ତାନ୍ତର କରି ନ ଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ନିଜର ଭିଟାମାଟି ହରାଇ କିଏ କାରଖାନାରେ ଦିନ ମଜୁରିଆଭାବେ କାମ କରୁଛନ୍ତି ତ ଆଉ କିଏ ଶ୍ରମିକଭାବେ ଦିନରାତି ଖଟି ପରିବାର ପାଇଁ ଖାଦ୍ୟ ଯୋଗାଡ କରୁଛନ୍ତି। ଏହି କ୍ରମରେ ଜମି ଅଧିଗ୍ରହଣ ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୃହ ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବା ଜମିର ପଟ୍ଟା ମିଳୁ ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।

ରାଜ୍ୟର ବିକାଶରେ ଶିଳ୍ପାୟନ ଜରୁରୀ ବୋଲି ମନେ କରି ସରକାର ଲୋକଙ୍କ ଜଳସେଚିତ ଚାଷଜମି, ଘରବାରି, ଜଙ୍ଗଲ ଜମିକୁ ହାତେଇବା ପାଇଁ ଯୋଜନା କରିଛନ୍ତି। ଭିତ୍ତିଭୂମିର ବିକାଶ ନ କରିବା ସହିତ ଜିଲାର ବଳକା ଜମି ଚିହ୍ନଟ କରି ଲ୍ୟାଣ୍ଡ ବ୍ୟାଙ୍କ ପ୍ରସ୍ତୁତ ନ କରି ଶିଳ୍ପ ପ୍ରତିଷ୍ଠା ଏକମାତ୍ର ଲକ୍ଷ୍ୟ ରହୁଛି। ଶିଳ୍ପକୁ ଜମି ଯୋଗାଇବାରେ


କଳିଙ୍ଗ ନଗର ଗୋବର ଘାଟି ବିସ୍ଥାପିତ କଲୋନୀ ।

ମାତ୍ର ୫ରୁ ୬ ମାସ ସମୟ ଲାଗୁଛି । ହେଲେ ବିସ୍ଥାପିତଙ୍କୁ ଅଧିଗୃହୀତ ଜମିର ପଟ୍ଟା ଦେବାକୁ ଦଶନ୍ଧି ସମୟ ନିଆଯାଉଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଗୋବରଘାଟି ବିସ୍ଥାପିତ କଲୋନୀ ପାଇଁ ୪୦୫ ପ୍ଲଟ୍ ଯୋଗାଇ ଦିଆଯାଇଛି। ସେଥିରୁ ଇଡ୍‌କୋ ଏଯାଏ ୪୪ ପ୍ଲଟ୍ ଉପରେ ତହସିଲ ଅଫିସକୁ ଜମି ହସ୍ତାନ୍ତର କରିନାହିଁ। ବାକି ୩୬୧ ପ୍ଲଟ୍ ମଧ୍ୟରୁ ତହସିଲ ପ୍ରଶାସନ ପକ୍ଷରୁ ୨୯୨ ଜଣ ବିସ୍ଥାପିତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏବେ ବି ୬୯ ଜଣ ବିସ୍ଥାପିତଙ୍କୁ ପଟ୍ଟା ମିଳିନାହିଁ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଗୋବରଘାଟି ବିସ୍ଥାପିତ କଲୋନୀ ପାଇଁ ୪୧୫ ପ୍ଲଟ୍ ଅନୁମତି ମିଳିଛି। ହେଲେ ସମସ୍ତ ପ୍ଲଟ୍ ସଂକ୍ରାନ୍ତୀୟ ତଥ୍ୟ ଦୀର୍ଘ ବର୍ଷ ହେଲା ଇଡ୍‌କୋ ତହସିଲ ପ୍ରଶାସନକୁ ହସ୍ତାନ୍ତର କରି ନ ଥିବାରୁ ପ୍ରକ୍ରିୟା ଶିଥିଳ ଅବସ୍ଥାରେ ରହିଛି। ତେବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସେଥିରୁ ୨୫୮ ପ୍ଲଟ୍‌ର ରିପୋର୍ଟ ଚୂଡ଼ାନ୍ତ କରାଯାଇ ତହସିଲଦାରଙ୍କ ନିକଟରେ ଦାଖଲ କରାଯାଇଛି। ଇଡ୍‌କୋ ଏହି ୪୧୫ ପ୍ଲଟ୍‌ର ଜମି ହସ୍ତାନ୍ତର କଲେ ବିସ୍ଥାପିତ ପରିବାର ପଟ୍ଟା ପାଇ ପାରିବେ ବୋଲି ଜଣାପଡ଼ିଛି। ଏଭଳି ଭାବେ ଉଭୟ ତହସିଲ ଓ ଇଡ୍‌କୋ କର୍ତ୍ତୃପକ୍ଷ ମିଳିମିଶି ବିସ୍ଥାପିତମାନଙ୍କୁ ଜାଣିଶୁଣି ହଇରାଣ କରୁଥିବା ଅଭିଯୋଗ ହେଉଛି। ବିସ୍ଥାପିତମାନେ ପାଇଥିବା ଜାଗାରେ ଗୃହ ନିର୍ମାଣ କରିବାକୁ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରୁଛନ୍ତି। କିନ୍ତୁ ଉକ୍ତ ଜମି ଘରବାରି କିସମ ହୋଇ ନ ଥିବାରୁ ସେମାନଙ୍କ ଆବେଦନ ଗୃହୀତ ହୋଇ ପାରୁନାହିଁ । ଘରବାରି କିସମ ହୋଇ ନ ଥିବାରୁ ସେମାନଙ୍କୁ କୌଣସି ରାଷ୍ଟ୍ରାୟତ ଉଦ୍ୟୋଗ ବ୍ୟାଙ୍କରୁ ଗୃହ ଋଣ ମିଳୁନାହିଁ। କଳିଙ୍ଗନଗରରେ ଶିଳ୍ପ ସାମ୍ରାଜ୍ୟ ପାଇଁ ରାଜ୍ୟ ସରକାର ଅଞ୍ଚଳବାସୀଙ୍କଠାରୁ ୧୨ ହଜାର ଏକର ଜମି ଅଧିଗ୍ରହଣ କରିଥିଲେ। ବିସ୍ଥାପନ ହୋଇଥିବା ପରିବାରଙ୍କୁ ୧୦ଡେସିମିଲ ଲେଖାଏଁ ଜମି ପ୍ରଦାନ କରି ଘର ନିର୍ମାଣ ପାଇଁ ପ୍ରାୟ ଦେଢ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଅର୍ଥ ଘର ନିର୍ମାଣରେ ପର୍ଯ୍ୟାପ୍ତ ନୁହେଁ। ଅନ୍ୟପକ୍ଷେ ଜମି ପଟ୍ଟା ନ ଥିବାରୁ ବିସ୍ଥାପିତମାନେ କୌଣସି ବ୍ୟାଙ୍କରୁ ଋଣ ମଧ୍ୟ ପାଇ ପାରୁନାହାନ୍ତି। ଏପରିକି ଛାତ୍ରୀଛାତ୍ରଙ୍କ ପାଇଁ ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର ଆଦି ପାଇବାରେ ସମସ୍ୟା ଭୋଗୁଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବାକି ରହିଥିବା ବିସ୍ଥାପିତଙ୍କ ଜମି ହସ୍ତାନ୍ତର କରିବାକୁ ଇଡ୍‌କୋକୁ ଅନୁରୋଧ କରାଯାଉଛି।

# କଲରଙ୍ଗୀ ଖଣି ଖୋଲିବାକୁ ଛଟେଇ ଶ୍ରମିକଙ୍କ ଦାବି

କାଳିଆପାଣି,୨୮।୬(ଡି.ଏନ.ଏ.)

ଗତ ୨୪ ବର୍ଷ ଧରି ବନ୍ଦ ଥିବା କଲରଙ୍ଗୀ କ୍ରୋମାଇଟ୍ ଖଣିକୁ ପୁଣି ଥରେ ଖୋଲିବାକୁ କାଳିଆପାଣି ଗସ୍ତରେ ଆସିଥିବା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂଙ୍କୁ ଭେଟି ଛଟେଇ ଶ୍ରମିକମାନେ ଦାବି କରିଛନ୍ତି । ମଙ୍ଗଳବାର ଏମ୍‌ଡି ସିଂ କାଳିଆପାଣିରେ ଥିବା ସମସ୍ତ କ୍ରୋମାଇଟ ଖଣି ପରିଦର୍ଶନ କରିବା ଲାଗି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ଏଥିସହିତ କଲରଙ୍ଗୀର ୨ ବନ୍ଦ ଥିବା ଖଣି ପରିଦର୍ଶନ କରିବା ତାଙ୍କ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା । କଲରଙ୍ଗୀ କ୍ରୋମାଇଟ ଖଣିର ପ୍ରାୟ ୩ଶହ ଛଟେଇ ଶ୍ରମିକ ଏମ୍‌ଡିଙ୍କ ଗସ୍ତ ସୂଚନା ପାଇ ବନ୍ଦ ଖଣି ନିକଟରେ ଏକତ୍ରିତ ହୋଇଥିଲେ। ହେଲେ ସେଠାରେ କିଛି ଘଟିବା ଆଶଙ୍କା କରି ଏମ୍‌ଡି କଲରଙ୍ଗୀ ଖଣି ଗସ୍ତ ଶେଷ ମୁହୂର୍ତ୍ତରେ ବାତିଲ କରିଥିଲେ । ଏହାପରେ ଏମ୍‌ଡି କେତେଜଣ ଶ୍ରମିକ ପ୍ରତିନିଧିଙ୍କୁ ଟାଉନସିପ୍ ଅତିଥିଶାଳାକୁ ଡକାଇଥିଲେ। ଶେଷରେ ଶ୍ରମିକମାନଙ୍କ ପ୍ରତିନିଧିଙ୍କୁ ବାହାରେ ଠିଆକରି ଅଳ୍ପ ସମୟ ପାଇଁ ଆଲୋଚନା କରିଥିଲେ । ଖଣିରେ କେଉଁ ମାନର କେତେ ପରିମାଣର କ୍ରୋମାଇଟ ଅଛି ତାହା ଅନୁଧ୍ୟାନ କରାଯିବ । ଏଥିସହିତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଶେଷ ପରେ ଖଣି ଖୋଲିବ ବୋଲି ଶ୍ରମିକ ଦଶରଥ ମହାନ୍ତ ଓ ସତ୍ୟରଞ୍ଜନ ମହାନ୍ତଙ୍କ ସହ ଏମ୍‌ଡି ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ବୀରବର ମହାନ୍ତ, ବିଶ୍ୱନାଥ ମହାନ୍ତ, ଦୟାନିଧି ଦେହୁରି, ଗଣେଶ୍ୱର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ମନ୍ତ୍ରୀବର ମହାନ୍ତ ଉପସ୍ଥିତ ଥିଲେ ।


ଓଡ଼ିଶା ଖଣି ନିଗମ ଏମ୍‌ଡିଙ୍କ ସହିତ ଛଟେଇ ଶ୍ରମିକମାନେ ଆଲୋଚନା କରୁଛନ୍ତି ।

## କାଳିଆପାଣିରେ ଓଡ଼ିଶା ଖଣି ନିଗମ ଏମ୍‌ଡି

ସୂଚନାଯୋଗ୍ୟ, ଏସିଆ ମହାଦେଶର ଯାଜପୁର ଜିଲା ସୁକିନ୍ଦା କ୍ରୋମ ଉପତ୍ୟକାରେ ସର୍ବାଧିକ ୯୮ ପ୍ରତିଶତ କ୍ରୋମାଇଟ ଗଚ୍ଛିତ ରହିଥିବା ବେଳେ କଲରଙ୍ଗୀ ଖଣି ସେଥିମଧ୍ୟରୁ ଅନ୍ୟତମ । ଏହି ଖଣିରୁ ଅତି ଉନ୍ନତମାନର ଲମ୍ପ୍ କ୍ରୋମାଇଟ ଉତ୍ତୋଳନ କରାଯାଇ ରାଜ୍ୟ ଓ ଦେଶବିଦେଶକୁ ରପ୍ତାନୀ ହେଉଥିଲା । କଲରଙ୍ଗୀର ୨ଟି ଖଣିରେ ୬୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ବେଳେ ଖଣି ପାର୍ଶ୍ୱବର୍ତ୍ତୀଗ୍ରାମର ଲୋକମାନେ ଉପକୃତ ହୋଇପାରୁଥିଲେ । ୧୯୯୦ରେ ଦୁଇ ଶ୍ରମିକ ସଂଘ ବିବାଦ କଲରଙ୍ଗୀ ଖଣି ବନ୍ଦର ମୁଖ୍ୟ କାରଣ ହୋଇଥିଲା । ହେଲେ ବନ୍ୟଜନ୍ତୁଙ୍କ ଅଭୟାରଣ୍ୟ ବୋଲି ଘୋଷଣା କରାଯାଇ ସେହି ଖଣିକୁ ବନ୍ଦ କରାଯାଇଥିଲା ।

ଏମ୍‌ଡି ସିଂଙ୍କ ଗସ୍ତ ସମୟରେ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି, ଆଲୋକ ଚନ୍ଦ୍ର ପାଲ, କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ, ନିର୍ମାଣ ବିଭାଗ ସିଜିଏମ୍ ଲକ୍ଷ୍ମୀଧର ବେହେରା, ଜିଏମ (ପି ଆଣ୍ଡ ଏ) ଅଶୋକ କୁମାର ବେହେରା ସହ ଖଣିର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବତୀଙ୍କ ବିବାହ ଭାଙ୍ଗିବାକୁ ଉଦ୍ୟମ, ଯୁବକ ଗିରଫ

ଧର୍ମଶାଳା/ଜେନାପୁର,୨୮।୬ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ବିବାହ ଭାଙ୍ଗିବାକୁ ଉଦ୍ୟମ କରିବା ଓ ସମ୍ପୃକ୍ତ ଯୁବତୀଙ୍କୁ ନିଜେ ବିବାହ କରିବାକୁ ଜିଦ୍ ଧରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସୁକିନ୍ଦା ଥାନା ବମ୍ପିଲୋ ଗ୍ରାମର ନିର୍ମାଲ୍ୟ ପରିଡା (୨୬)। ସୋମବାର ନିର୍ମାଲ୍ୟ ଯୁବତୀଙ୍କ ଘର ନିକଟକୁ ଆସିଥିଲେ। ସମ୍ପୃକ୍ତ ଯୁବତୀଙ୍କୁ ଉଠାଇ ନେବାକୁ ସେ ଚେଷ୍ଟା କରିଥିଲେ। ଏନେଇ ଯୁବତୀର ବାପା ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୧୭୨/୨୨) ରୁଜୁ କରିବା ସହିତ ନିର୍ମାଲ୍ୟଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଜାଦୀ ଠେଙ୍ଗାବାହିନୀର ରଥଯାତ୍ରାରେ ସେବାକାର୍ଯ୍ୟ

ଯାଜପୁର ରୋଡ,୨୮।୬(ଡି.ଏନ.ଏ.)

ଆଜାଦୀ ଠେଙ୍ଗା ବାହିନୀ-ଇଣ୍ଡିଆନ୍ କମ୍ୟୁନିଟି ପୋଲିସ ଦୀର୍ଘ ୩୧ ବର୍ଷ ଧରି ପୁରୀ ରଥଯାତ୍ରାରେ ଟ୍ରାଫିକ୍ ନିୟନ୍ତ୍ରଣ, ଜଳଦାନ, ଶୃଙ୍ଖଳା ଓ ରନ୍ଧାଖାଦ୍ୟ ବଣ୍ଟନ ସହ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି। ଚଳିତ ବର୍ଷ ୧୫ ଦିନିଆ ସେବା ପାଇଁ ପୁରୀ ଜିଲା ପ୍ରଶାସନ ଅନୁମତି ଦେଇଛନ୍ତି। ଜୁନ୍ ୨୯ ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ପୁରୀରେ ୪ଶହ ପୁରୁଷ ଓ ୨୫୦ ମହିଳା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ନିଶୁଳ୍କ ଭାବେ ସେବା ଯୋଗାଇଦେବା ପାଇଁ ପଞ୍ଜିକୃତ ହୋଇଛନ୍ତି । ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା, ନିଳାଦ୍ରୀ ବିଜେ ଦିନ ଏହି ବାହିନୀ ଶୃଙ୍ଖଳାର ସହ ସେବା ଯୋଗାଇବ । ଆଜାଦୀ ଠେଙ୍ଗାବାହିନୀର ମୁଖ୍ୟ ପ୍ରତିଷ୍ଠାତା କୃଷକ ଲକ୍ଷ୍ମଣ ଦାସ, ମାର୍ଗଦର୍ଶକ ପଦ୍ମଶ୍ରୀ ବାବା ବଳିଆ, ମେଜର ଜେନେରାଲ ଶ୍ରମିକ ନେତା ମାୟାଧର ନାୟକ, ଅଲ୍ ଇଣ୍ଡିଆ ଚିଫ୍ କମାଣ୍ଡର ଚିତ୍ତରଞ୍ଜନ ମହାନ୍ତି, ଅଲ୍ ଇଣ୍ଡିଆ ଚିଫ୍ ଅର୍ଗାନାଇଜିଂ କମାଣ୍ଡର ଲଲାଟେନ୍ଦୁ ମିଶ୍ର ପ୍ରମୁଖ ପୁରୀଠାରେ ଯୋଗଦେଇ ସେବା କାର୍ଯ୍ୟରେ ସହଯୋଗ କରିବେ ବୋଲି ଶ୍ରମିକ ନେତା ନାୟକ ସୂଚନା ଦେଇଛନ୍ତି ।

# ଖବରଦାତାଙ୍କୁ ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର



ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଆସିଥିବା ଖବରଦାତା ।

ରସୁଲପୁର,୨୮।୬(ଡି.ଏନ.ଏ.)

## କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ନିକଟରେ ଫେରାଦ

ଯାଜପୁର ଜିଲା ରସୁଲପୁର ବ୍ଲକର ଦୈନିକ ଖବରକାଗଜ ନିତିଦିନର ଖବରଦାତା ସନ୍ତୋଷ କୁମାର ସାହୁଙ୍କୁ କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଖବରଦାତା ସାହୁ ଓ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ଆଦିତ୍ୟ ମେକାପ ଏବଂ ସାଧାରଣ ସମ୍ପାଦକ ଦେବ ପ୍ରସାଦ ସାହୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ହାଜର ହୋଇ ଏସ୍‌ପି ରାହୁଲ ପିଆରଙ୍କୁ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ କ୍ରମିକ ସଂଖ୍ୟା-୧୧୭/୨୨ରେ ପଞ୍ଜୀକରଣ କରାଯାଇଛି। ଏହି ଅଭିଯୋଗକୁ ଭିତ୍ତିକରି ଏସ୍‌ପି ଉକ୍ତ ମାମଲାର ତଦନ୍ତ ଭାର ଏସ୍‌ଡିପିଓ ଚିନ୍ମୟ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଖୁବ୍ ଶୀଘ୍ର ତଦନ୍ତ କରାଯିବ ବୋଲି ତଦନ୍ତ ଅଧିକାରୀ ଏସ୍‌ଡିପିଓ ନାୟକ ପ୍ରତିଶ୍ରୁତି ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଖବରଦାତା ସାହୁ ତାଙ୍କର ଜଣେ ବନ୍ଧୁଙ୍କ ସହ ରବିବାର କୋରେଇ ଥାନାକୁ ଯାଇଥିଲେ । ସେମାନଙ୍କ ସହ ଆଉ ୪ଜଣ ବନ୍ଧୁ ଥାନାକୁ ଆସିଥିଲେ। ସେମାନେ ଆସିଥିବା ଏକ ଗାଡିକୁ ଥାନା ସମ୍ମୁଖରେ ରଖି ଭିତରକୁ ଯାଇଥିଲେ । ଏହି ସମୟରେ ଥାନା ଅଧିକାରୀ ମହାରଣା ସମ୍ମୁଖରେ ବସିଥିଲେ । ସେମାନେ କୁଆଡେ ଆସିଲେ ବୋଲି ଖବରଦାତା ସାହୁଙ୍କ ପଚାରିଥିଲେ । ସାଙ୍ଗମାନଙ୍କ ମଧ୍ୟରୁ ଜଣେ ଗାଡି ମାଲିକ ଥିଲେ । ତାଙ୍କ ଡ୍ରାଇଭର ଗାଡ଼ିର ଚାଲାଣ ଓ ଅନ୍ୟ କାଗଜପତ୍ର ନେଇ ପଳାଇ ଯାଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ଗାଡି ମାଲିକ ଖବରଦାତା ବନ୍ଧୁଙ୍କ ସହ ଚାଳକ ଓ ଅନ୍ୟ ସାଙ୍ଗମାନଙ୍କ ସହ ଥାନାକୁ ଆସିଥିଲେ । ଥାନା ଅଧିକାରୀ ସେମାନଙ୍କଠାରୁ କିଛି ଶୁଣିବା ପୂର୍ବରୁ ଗାଡ଼ି ମାଲିକ ଓ ଚାଳକଙ୍କୁ ଥାନାରେ ଅଟକ ରଖିଥିଲେ । ଏଥିସହ ଖବରଦାତା ସାହୁଙ୍କୁ ଥାନାରେ ଅଟକାଇ ଦେଇଥିଲେ। ସାହୁ ନିଜକୁ ଜଣେ ଖବରଦାତା ବୋଲି ପରିଚୟ ଦେବା ପରେ ବି ବି ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କଠାରୁ ମୋବାଇଲ ଛଡାଇ ନେଇଥିଲେ। ମଧ୍ୟାହ୍ନ ୧୨ଟାଠାରୁ ରାତି ୯ଟା ପର୍ଯ୍ୟନ୍ତ ଖବରଦାତାଙ୍କୁ ଏକ ପ୍ରକୋଷ୍ଠରେ ଅଟକାଇ ରଖିଥିଲେ। ଖବରଦାତା ଓ ତାଙ୍କ ବନ୍ଧୁଙ୍କ ବିରୋଧରେ ଏତଲା ଦେବାକୁ ଗାଡ଼ି ଚାଳକଙ୍କୁ ପ୍ରବର୍ତ୍ତାଇ ଥିଲେ। ଏଥିସହ ତାଙ୍କୁ ନାନା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସାମ୍ବାଦିକ ସମାଜ ପ୍ରତି ଆକ୍ଷେପ କରି ମତ ରଖିଥିଲେ। ଏ ନେଇ ଖବରଦାତା ସାହୁ ଜିଲା ସଂଘ ନିକଟରେ ଫେରାଦ ହୋଇଥିଲେ। ଜିଲା ସଂଘର ସଭାପତି ମେକାପ ଓ ସାଧାରଣ ସମ୍ପାଦକ ସାହୁ, କାର୍ଯ୍ୟକାରୀ ସଭାପତି ରଞ୍ଜିତ ରାଉତ, ରସୁଲପୁର ପ୍ରେସ୍ ଫୋରମର ସାଧାରଣ ସମ୍ପାଦକ ଜଗମୋହନ ରାଉତ ପ୍ରମୁଖ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ପହଞ୍ଚି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ।

# କୋଠଘରକୁ ନେଇ ଚିନ୍ତା, ତଦନ୍ତ ପରେ ବି ଠିକଣା ମିଳୁନି

ଚଣ୍ଡିଖୋଲ,୨୮।୬(ଡି.ଏନ.ଏ.)

ବଡଚଣା ବ୍ଲକ ମଝିପଡା ପଞ୍ଚାୟତର ଦେହୁରୀ ସାହିରେ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏକ କୋଠଘର କେଉଁଠି ବୋଲି ପ୍ରଶ୍ନ ହୋଇଛି । ଏନେଇ ଦେହୁରୀ ସାହି ଗ୍ରାମବାସୀ ବାରମ୍ୱାର ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବା ପରେ ସରପଞ୍ଚ ଶୋଭା ବଜ୍ରକବାଟ ଗତ ମାସ ୨ ତାରିଖରେ ଏନେଇ ବଡଚଣା ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ବିଡିଓ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ୨୨ ତାରିଖରେ ନିର୍ବାହୀ ଅଧିକାରୀ ତାଙ୍କ ତଦନ୍ତ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ସେ ଗ୍ରାମର ଦିବାକର ବଳଙ୍କ ଜାଗାରେ ହୋଇଥିବା ଘରଟି ଗ୍ରାମର କୋଠ ଘର । ତେବେ ଏସମ୍ପର୍କରେ ଦିବାକର ବଳଙ୍କୁ ସେ ପଚାରିବାରୁ ଏହା ତାଙ୍କର ନିଜସ୍ୱ ଘର ଏବଂ ନିଜ ଜମିରେ ହୋଇଛି । ତଦନ୍ତ ସମୟରେ ଏନେଇ ଗ୍ରାମର କେତେଜଣ ବ୍ୟକ୍ତି ଉତ୍ତ୍ୟକ୍ତ ହୋଇ ଘରର ତାଲା ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ଏହାକୁ ଜେନା ବାରଣ କରିବା ସହିତ ଏବିଷୟରେ ଲୋକମାନଙ୍କୁ ବୁଝାଶୁଝା କରି ଫେରାଇ ଦେଇଥିଲେ ବୋଲି ତାଙ୍କର ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି । ତେବେ କୋଠଘରଟି କୁଆଡେ ଗଲା ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତଦନ୍ତ ପରେ ମଧ୍ୟ କୋଠଘର କୌଣସି ଠିକଣା ମିଳୁ ନ ଥିବା ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଡିଓଙ୍କୁ ଜଣାଇଛନ୍ତି ।

# ଭତ୍ତା ଟଙ୍କା ପାଇଁ ୧୭ ହଜାର ହିତାଧିକାରୀ ହୀନସ୍ତା

ରସୁଲପୁର,୨୮।୬(ଡି.ଏନ.ଏ.)

■ ପ୍ରତିମାସରେ ଭତ୍ତା ଟଙ୍କା ମିଳିବାକୁ ବିଳମ୍ବ
■ ସାମାଜିକ ନିରାପତ୍ତା ଯୋଜନା ପ୍ରତି ଅଣଦେଖା

ରସୁଲପୁର ବ୍ଲକରେ ସାମାଜିକ ନିରାପତ୍ତା ଯୋଜନାର ସଫଳ କାର୍ଯ୍ୟକାରିତାକୁ ଅଣଦେଖା କରାଯାଉଛି । ବ୍ଲକ ପ୍ରଶାସନର ଅବହେଳା ଯୋଗୁ ୧୭ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଠିକ୍ ସମୟରେ ଭତ୍ତା ମିଳୁନାହିଁ । ଏଥିପାଇଁ ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଆଦି ହିତାଧିକାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭତ୍ତା ଟଙ୍କା ପାଇଁ ହିତାଧିକାରୀମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ହିତାଧିକାରୀମାନଙ୍କୁ ଜନସେବା ଦିବସରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ କାର୍ଯ୍ୟରେ ଅବହେଳା କରୁଥିବା ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

ଆସନ୍ତା ୧୫ ତାରିଖକୁ ଜନସେବା ଦିବସ ଭାବେ ଅଭିହିତ କରାଯାଉଛି। ଏହି ଦିବସରେ ଓ ତା'ପୂର୍ବ ଦିନରେ ସାମାଜିକ ନିରାପତ୍ତା ଯୋଜନାରେ ସାମିଲ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯିବାର ବିଧି ରହିଛି । ଏହି ଯୋଜନା ଜରିଆରେ ଜାତୀୟ ଭତ୍ତା ଯୋଜନା ଅଧୀନରେ ବ୍ଲକରୁ ୮,୨୭୦ ହିତାଧିକାରୀ ଓ ରାଜ୍ୟ ସରକାରଙ୍କ ଯୋଜନା ଜରିଆରେ ୯୧୫୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। କେନ୍ଦ୍ରୀୟ ଯୋଜନା ପାଉଣା ବ୍ୟାଙ୍କ ଜମାଖାତାକୁ ଯାଉଛି । ରାଜ୍ୟ ସରକାରଙ୍କ ଯୋଜନାରେ ପଞ୍ଚାୟତରେ ଭତ୍ତା ଭାବେ ସିଧାସଳଖ ହିତାଧିକାରୀମାନଙ୍କୁ ଟଙ୍କା ପ୍ରଦାନ କରାଯାଉଛି । ରାଜ୍ୟରେ ମୋ ସରକାର ଓ ୫-ଟି ସରକାର କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ସରକାରୀ ଯୋଜନାକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବାକୁ ନିୟମ କରାଯାଇଛି । ତେବେ ବ୍ଲକରେ ସାମାଜିକ ନିରାପତ୍ତା ଯୋଜନାରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ପ୍ରତ୍ୟେକ ମାସର ଭତ୍ତା ହିତାଧିକାରୀମାନଙ୍କୁ ସେହି ମାସର ୧୫ ତାରିଖରେ ଓ ତା'ପୂର୍ବରୁ ଦିଆଯିବାର ନିୟମ ଥିବା ବେଳେ ବ୍ଲକରେ ଏଥିରେ ବ୍ୟତିକ୍ରମ ଘଟିଛି । ଏହି ବ୍ଲକରେ ମେ'ମାସର ଭତ୍ତା ସେହି ମାସରେ ଦିଆଯିବା ବଦଳରେ ଜୁନ ମାସର ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ପ୍ରଦାନ କରାଯାଇଛି। ଏହାଛଡା ଜୁନ୍ ଶେଷ ହେବାକୁ ଆଉ ୨ଦିନ ବାକି ରହିଛି । ଏଯାଏ ବ୍ଲକରେ ଭତ୍ତା ପାଇଁ ଟଙ୍କା ପଞ୍ଚାୟତ ଜାମାଖାତାକୁ ଆସିନାହିଁ। ଏହିଭଳି ସ୍ଥିତିରେ ଭତ୍ତା ଟଙ୍କା ପଞ୍ଚାୟତରେ କେବେ ମିଳିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରୁ ନାହିଁ। ହିତାଧିକାରୀମାନେ ଭତ୍ତା ମିଳିବା ନେଇ ସ୍ଥାନୀୟ ସରପଞ୍ଚ, ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ, ଭତ୍ତା ବାଣ୍ଟିବା ଦାୟିତ୍ୱରେ ରହୁଥିବା ଅଧିକାରୀମାନଙ୍କୁ ପଚାରି ବୁଝୁଛନ୍ତି। ସେମାନଙ୍କଠାରୁ ହିତାଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହେଉଛନ୍ତି । କେତେକ ସ୍ଥାନରେ ଭତ୍ତା ଟଙ୍କା ପଞ୍ଚାୟତ ଜାମଖାତାକୁ ସଅଳ ଆସୁଥିବା ବେଳେ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ଭତ୍ତା ବାଣ୍ଟିବାରେ ବିଳମ୍ବ କରୁଛନ୍ତି। ବ୍ଲକର ସବୁ ପଞ୍ଚାୟତରେ ଭତ୍ତା ଟଙ୍କା ଗୋଟିଏ ତାରିଖରେ ବାଣ୍ଟିବାକୁ ଧାର୍ଯ୍ୟ କରିବା ପାଇଁ ଏକ ଅଘୋଷିତ ନିୟମ କରାଯାଇଛି। ଏଭଳି ନିୟମ ଦ୍ୱାରା ଭତ୍ତା ବାଣ୍ଟିବା ପାଇଁ ଅନୁକୂଳ ସୁବିଧା ଥିବା ପଞ୍ଚାୟତରେ ଠିକ୍ ସମୟରେ ଭତ୍ତା ବଣ୍ଟିବାରେ ବାଧା ସୃଷ୍ଟି ହେଉଛି । ଏହାଛଡା କେନ୍ଦ୍ରୀୟ ଯୋଜନା ଜାତୀୟ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ଟଙ୍କା ଜମାଖାତକୁ ପଠାଯାଉଛି । ଏଯାଏଁ ଏଥିରେ ସାମିଲ ଥିବା ଶତପ୍ରତିଶତ ହିତାଧିକାରୀଙ୍କ ଜମାଖାତାକୁ ଯୋଜନା ସହ ଯୋଡିବା ସମ୍ଭବପର ହୋଇପାରି ନାହିଁ । ଫଳରେ ଏହି ଯୋଜନାରୁ କେତେକ ହିତାଧିକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ଡିବିଟି ଜରିଆରେ ଜମାଖାତାକୁ ଆସୁଥିବା ଟଙ୍କା ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି । ଚଳିତବର୍ଷ ଜାନୁୟାରୀ ଓ ମେ' ମାସରେ ଡିବିଟି ଜରିଆରେ ପାଉଥିବା ଟଙ୍କା ଜମାଖାତାକୁ ଆସି ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ମିନତି ରାଉତଙ୍କୁ ପଚାରିବାରୁ ଚଳିତ ମାସର ଭତ୍ତା ଟଙ୍କା ବ୍ଲକକୁ ୧୮ ତାରିଖରୁ ଆସିଲାଣି । ହେଲେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ସେମାନଙ୍କ ପଞ୍ଚାୟତ ପାଇଁ କେତେ ଟଙ୍କା ଦରକାର ନେଇ କୌଣସି ରିପୋର୍ଟ ଠିକ୍ ସମୟରେ ପ୍ରଦାନ କରୁ ନାହାଁନ୍ତି । ଫଳରେ ପଞ୍ଚାୟତ ଖାତାକୁ ଟଙ୍କା ପ୍ରଦାନରେ ବିଳମ୍ବ ହେଉଛି। ଏହାଛଡା ଏବେ କେନ୍ଦ୍ରୀୟ ଯୋଜନାରେ ହିତାଧିକାରୀମାନଙ୍କୁ ଜମାଖାତାରେ ସହାୟତା ପ୍ରଦାନ କରାଯାଉଛି। ଜମାଖାତା ଓ ଆଧାରକାର୍ଡରେ ତ୍ରୁଟି ରହୁଥିବାରୁ କେତେକ ସମସ୍ୟା ଉପୁଜୁଛି । ତାକୁ ପର୍ଯ୍ୟାୟ ଅନୁସାରେ ସୁଧାରି ଦିଆଯିବ ବୋଲି ସେ କହିଛନ୍ତି ।

